## ସଂକ୍ଷେପରେ

### ଭାଗ୍ୟଶ୍ରୀଙ୍କୁ ସ୍ୱର୍ଣ୍ଣ ପଦକ



**ପରଜଙ୍ଗ, ୧।୪(ଡି.ଏନ.ଏ.)-** ପରଜଙ୍ଗ ମହାବିଦ୍ୟାଳୟ ୨୦୧୯-୨୦ ଶିକ୍ଷାବର୍ଷର ଓଡ଼ିଆ (ସମ୍ମାନ) ବିଭାଗ ଛାତ୍ରୀ ଭାଗ୍ୟଶ୍ରୀ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ସେ ଓଡ଼ିଆ ସମ୍ମାନରେ ସର୍ବାଧିକ ନମ୍ବର ରଖି ରାଜ୍ୟରେ ଟପ୍ପର ହୋଇଥିଲେ। ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଉପସ୍ଥିତିରେ ତାଙ୍କୁ ପଦକ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଗ୍ୟଶ୍ରୀଙ୍କ ଏହି ସଫଳତାରେ କଲେଜର ସମସ୍ତ ଅଧାପିକା, ଅଧାପକ, ସହପାଠୀ ଏବଂ ଅଞ୍ଚଳବାସୀଙ୍କ ମଧରେ ଖୁସିର ଲହରି ଖେଳିଯାଇଛି। ସୂଚନାଯୋଗ୍ୟ, ଭାଗ୍ୟଶ୍ରୀ ହେଉଛନ୍ତି ପରଜଙ୍ଗ ବ୍ଲକ ବାଗିହାପୁର ଗ୍ରାମର ବିନୋଦ କୁମାର ସାହୁ ଓ ମାମିଲତା ସାହୁଙ୍କ ଏକମାତ୍ର କନ୍ୟା। ସେ ଏବେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର (ପିଜି)ରେ ଅଧୟନ କରୁଛନ୍ତି।

### ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ

**ଜଳେଶ୍ୱର, ୧।୪(ଡି.ଏନ.ଏ.):** ବାଲେଶ୍ୱର ଜିଲାପାଳ ଓ ଡ୍ରଗ୍ସ କଣ୍ଟ୍ରୋଲର, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ବିଭିନ୍ନ ସ୍ଥାନରେ ଥିବା ଔଷଧ ଦୋକାନରେ ଚଢ଼ାଉ କରାଯାଇଥିଲା। ଔଷଧ ଦୋକାନରେ ବେଆଇନ ଔଷଧ ବିକ୍ରି ଅଭିଯୋଗରେ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଜ୍ଞାନଦା ପ୍ରିୟଦର୍ଶନୀ ମିଶ୍ର, ଜଳେଶ୍ୱର ଅବକାରୀ ବିଭାଗ ଓ ରାଇବଣିଆ ପୋଲିସ୍ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ରାଇବଣିଆ, ଖୁଆଡ, ହାତୀଗଡ ଏବଂ ଜଳେଶ୍ୱର ଅଞ୍ଚଳରେ ଥିବା ବିଭିନ୍ନ ଔଷଧ ଦୋକାନଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ମୋଟ ୮ଟି ଔଷଧ ଦୋକାନରୁ ସଂଗୃହୀତ ହୋଇଥିବା ଔଷଧର ନମୁନା ପରୀକ୍ଷା ଲାଗି ପଠାଯାଇଛି।

### ଦାବି ପୂରଣ ନ ହେଲେ ଆନ୍ଦୋଳନ

**ବାରିପଦା ଅଫିସ,୧।୪:** ମୟୂରଭଞ୍ଜ ଜିଲା (ପୂର୍ବ) ଭାଜପାର ଏକ କାର୍ଯ୍ୟକାରିଣୀ ବୈଠକ ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କାନ୍ଦରା ସୋରେନଙ୍କ ଅଧକ୍ଷତାରେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଏମ୍‌ପି ଇଂ.ବିଶ୍ୱେଶ୍ୱର ଟୁଡୁ, ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢ଼େଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଡା.ବୁଢ଼ାନ ମୁର୍ମୁ, ପୂର୍ବତନ ସଭାପତି ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ସୁନୀଲ ଦାଶ, ନିହାର ମୋଦି, ପ୍ରମିଳା ପଣ୍ଡା, ପରେଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ଜିଲାରେ ଖାଲି ପଡ଼ିଥିବା ୩୨୦ ଡାକ୍ତର ପଦବୀ ପୂରଣ, ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ରୋକିବା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଦିନ ଧାର୍ଯ୍ୟ କରିବା, ବାରିପଦା ସହରରେ ପାନୀୟ ଜଳ ସଙ୍କଟ ଦୂର କରିବା, ହୋମିଓପ୍ୟାଥି ଓ ଆୟୁର୍ବେଦ କଲେଜକୁ ପୁନଃ ପ୍ରଚଳନ କରିବା ଆଦି ଦାବିଗୁଡ଼ିକ ପୂରଣ କରିବା ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଭାଜପା ନେତାମାନେ କହିଥିଲେ।

# 'ମାତୃଭୂମି, ମାତୃଭାଷା ପ୍ରୀତି ସମୃଦ୍ଧ କରିବ'




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଓଡ଼ିଶା ଦିବସ ଓ ଅନୁଗୋଳ ଜିଲା ପ୍ରତିଷ୍ଠା ଦିବସ

**ଅନୁଗୋଳ ଅଫିସ, ୧।୪**

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସଦର ମହକୁମା ଠାରେ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ଅନୁଗୋଳ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ଗାନ୍ଧୀ ପାର୍କ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଓ ସହରର ବିଭିନ୍ନ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପରେ ସନ୍ଧ୍ୟାରେ ଜିଲାପରିଷଦ ସମ୍ମିଳନୀ କକ୍ଷରେ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଶ୍ଚାତ୍ୟ ସଭ୍ୟତାକୁ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ମାତୃଭୂମି ଓ ମାତୃଭାଷା ପ୍ରତି ଆକୃଷ୍ଟ ହେଲେ ଓଡ଼ିଶା ସମୃଦ୍ଧ ହୋଇପାରିବ ବୋଲି କହିଥିଲେ। ଭାଷା, ସଂସ୍କୃତି ଓ ସଭ୍ୟତା ଆଗକୁ ନେବ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓଡ଼ିଶା ପାଇଁ ଯେଉଁ ମହାପୁରୁଷମାନେ ତ୍ୟାଗ ଓ ବଳିଦାନ ଦେଇଛନ୍ତି ସେମାନଙ୍କୁ ସ୍ମରଣ କରିଥିଲେ। ମାଟି, ମା ଓ ମାତୃଭାଷା ହେଉଛି ଆମର ପ୍ରକୃତ ଜନନୀ। ସେମାନଙ୍କୁ ସମ୍ମାନ ଜଣାଇଲେ ସଭ୍ୟତା, ସଂସ୍କୃତି ଓ ପରମ୍ପରା ଅଧିକ ଉଦ୍‌ଜୀବିତ ହେବ ବୋଲି ଏମ୍‌ପି ପ୍ରକାଶ କରିଥିଲେ। ପିଡି ଡିଆରଡିଏ ଦିଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ରଥ ଯୋଗ ଦେଇଥିଲେ। ଏହି ସଭାକାର୍ଯ୍ୟକୁ ଜିଲା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପରିଚାଳନା କରିଥିଲେ। ଏହାପରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ

**ଛେଣ୍ଡିପଦା/ ଆଠମଲ୍ଲିକ/ ପାଲଲହଡ଼ା, ୧।୪ (ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ବଡମହିତଳା ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚବିଦ୍ୟାଳୟରେ ଗୁରୁବାର ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ନେତୃତ୍ୱରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଧନ୍ୟବାଦ ଦେଇଥିଲେ। ସେହିପରି ଆଠମଲ୍ଲିକଠାରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଲଳିତ ମୋହନ ବେହେରା ଯୋଗଦେଇ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଡେପୁଟି କଲେକ୍ଟର ଲମ୍ବୋଦର ମାରାଣ୍ଡି, ମହେନ୍ଦ୍ର ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାଲଲହଡ଼ା ଉପଖଣ୍ଡଠାରେ ଓଡ଼ିଶା ଦିବସ ଅବସରରେ ବିଧାୟକ ମୁକେଶ ପାଲ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବ୍ଲକ ଅଧକ୍ଷ ନବକିଶୋର ନାଏକ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ନିଜିଗଡ଼ ସରପଞ୍ଚ ଗୁଣନିଧି ଦ୍ୱିବେଦୀଙ୍କ ସମେତ ବିଜେଡିର ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ।

## ଉତ୍କଳ ଆଜବେଷ୍ଟସ ପକ୍ଷରୁ ମେଧାବୃତ୍ତି




କାର୍ଯ୍ୟକ୍ରମରେ ମେଧାବୀ ଛାତ୍ରୀଛାତ୍ରଙ୍କ ସମେତ କମ୍ପାନୀର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧।୪**

ଉତ୍କଳ ଆଜବେଷ୍ଟସ୍ ଓଡ଼ିଶା ତରଫରୁ କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଆନୁକୂଲ୍ୟରେ ୨୦୨୦-୨୧ ବର୍ଷ ମେଧାବୃତ୍ତି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ କାରଖାନାର ସଭାଗୃହ ପରିସରରେ ବୁଧବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାର ମାଟ୍ରିକ ଟପ୍ପର ଓଁକାର ମାଝି, ଓଡ଼ାପଡ଼ା ବ୍ଲକର ଟପ୍ପର ଶୁଭଶ୍ରୀ ମିଶ୍ରଙ୍କ ସମେତ ୬୨ ଜଣ ମେଧାବୀଙ୍କୁ ମାନପତ୍ର ସହ ପ୍ରତ୍ୟେକଙ୍କୁ ୬ ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଥିଲା। କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶଲେସ୍ ନନ୍ଦନ ପ୍ରସାଦ ସିହ୍ନା, ମାର୍କେଟିଂ ମୁଖ୍ୟ କମଳକାନ୍ତ ସରାଓଗି, ୱାର୍କସ୍ ମ୍ୟାନେଜର କ୍ଷୀରୋଦ କୁମାର ବେହେରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କମ୍ପାନୀ ପାରିପାର୍ଶ୍ୱିକ ଗ୍ରାମ ଏବଂ ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ଲାଗି କମ୍ପାନୀ ପକ୍ଷରୁ ୫ବର୍ଷ ହେଲା ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

## ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ଜବରଦଖଲ ଉଚ୍ଛେଦ

**ବାରିପଦା ଅଫିସ,୧।୪**

ବାରିପଦା ଷ୍ଟେଶନ ବଜାର ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ହନୁମାନ ମନ୍ଦିରଠାରୁ ରେଳ ଫାଟକ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ବାରିପଦା ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁ ଉପସ୍ଥିତ ଥିଲେ। ରେଳବାଇ ପକ୍ଷରୁ ଓଭରବ୍ରିଜ ନିର୍ମାଣ ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ପୌରପରିଷଦ ପକ୍ଷରୁ ଥଇଥାନ କରିବା ନିମନ୍ତେ ବ୍ୟବସାୟୀ ସଂଘ ଓ ଷ୍ଟେଶନ ବଜାର ବଣିକ ସଂଘ ପକ୍ଷରୁ ଦାବି କରାଯାଇଛି।

## ୫୦ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଉପସ୍ଥିତ ରକ୍ତଦାତାଙ୍କ ସମେତ ଅନ୍ୟମାନେ।

**ଛେଣ୍ଡିପଦା,୧।୪ (ସ୍ୱ.ପ୍ର.)**

ଜରପଡ଼ା ଥାନା ବଡହିଁସର ପଞ୍ଚାୟତ ରାଉତାଳ ଗ୍ରାମର ସରକାରୀ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧାପକ କ୍ଷୀରୋଦ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ଗୋବିନ୍ଦ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଦିବାକର ଅମାନ୍ତ, ରାଉତାଳ ଗ୍ରାମ ସଭାପତି କର୍ଣ୍ଣ ସାହୁ, ୱାର୍ଡସଭ୍ୟ ପର୍ଶୁରାମ ପ୍ରଧାନ, ଶିକ୍ଷକ ଅଶୋକ ପ୍ରଧାନ ଓ ବାବୁଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରାଧାମୋହନ ଯୁବଗୋଷ୍ଠୀ ସଭାପତି ନବଘନ ବିଶ୍ୱାଳ, ସମ୍ପାଦକ କୁମର ସାହୁ ଓ କୋଷାଧକ୍ଷ ପଦ୍ମନାଭ ସାହୁଙ୍କ ନେତୃତ୍ୱରେ ଶିବିର ପରିଚାଳନା ହୋଇଥିଲା। ଅନ୍ୟମାନଙ୍କ ମଧରେ ରାଜୁ ସାହୁ, ବେଣୁଧର ସାହୁ, ବଟକୃଷ୍ଣ ସାହୁ, ଦେବାଶିଷ ସାହୁ, ଅମୀୟ ସାହୁ, ଭରତ ସାହୁ, ଧରଣୀଧର ଦେହୁରୀ, ଧରଣୀ ବିଶ୍ୱାଳ, ରୁନୀ ସାହୁ, ଆଶାକର୍ମୀ ପ୍ରଦୀପ୍ତା ସାହୁ, ଅଙ୍ଗନୱାଡ଼ି କର୍ମୀ ଜାମିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅପହର୍ତ୍ତାଙ୍କ କବଳରୁ ଖସିଆସିଲେ ମହିଳା

**ଅନୁଗୋଳ ଅଫିସ, ୧।୪**

ଅନୁଗୋଳ ଜିଲା ହଣ୍ଡପା ଅଞ୍ଚଳରୁ ୧୫ ଦିନ ତଳେ ଅପହରଣ ହୋଇଥିବା ଜଣେ ମହିଳା ଗୁରୁବାର ଖସି ଆସିବାରେ ସକ୍ଷମ ହୋଇଛନ୍ତି। ଏକ ୩ ଚକିଆ ଗାଡ଼ିରେ ଫଟୋ ରଖି ବୁଲୁଥିବା କେତେଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିଥିବା ମହିଳା ଜଣକ କହିଛନ୍ତି। ପ୍ରଥମେ ସେ ଅନୁଗୋଳ ରେଳ ଷ୍ଟେଶନ ଓ ପରେ ଅନୁଗୋଳ ଥାନାକୁ ଆସିଥିଲେ ମଧ ଲିଖିତ ଅଭିଯୋଗ କରିନାହାନ୍ତି। ୧୫ ଦିନ ଧରି ତାଙ୍କୁ ଉକ୍ତ ଗାଡ଼ିରେ ରଖାଯାଇଥିବା ଓ ମାଡ଼ ମରାଯାଇଥିବା ମହିଳା ଜଣକ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳା ଥାନା ଆଗରେ ଥିଲେ। କିନ୍ତୁ ସେ ଅଭିଯୋଗ କରି ନ ଥିଲେ କି ପୋଲିସକୁ କିଛି ମଧ କହି ନ ଥିଲେ। ତେଣୁ ଅପହରଣ ସମ୍ପର୍କରେ ଜଣାନାହିଁ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ୱାରିୟର କ୍ଲବ ପକ୍ଷରୁ ଦହି ପାଣି ବଣ୍ଟନ

**ଅନୁଗୋଳ ଅଫିସ, ୧।୪**

ଓଡ଼ିଶା ଦିବସ ଅବସରରେ ଅନୁଗୋଳ ଏନ୍‌ଏଚ୍‌ଏଆଇ କଲୋନୀ ନିକଟରେ ଥିବା ୱାରିୟର କ୍ଲବ ପକ୍ଷରୁ ପଥଚାରୀଙ୍କୁ ଦହି ପାଣି ବଣ୍ଟନ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ରାସ୍ତାରେ ଯାଉଥିବା ପଥଚାରୀଙ୍କୁ କ୍ଲବର ସଦସ୍ୟମାନେ ଅଟକାଇ ଦହି ପାଣି ପ୍ରଦାନ କରିଥିଲେ। କ୍ଲବର ଏପରି କାର୍ଯ୍ୟକୁ ପଥଚାରୀଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ଲବ ସଭାପତି ଗୁନିଲ କୁମାର ନାଏକ, ତ୍ରିଶୁଳ ମିଶ୍ର, ଅନିମେଶ ପ୍ରଧାନ, ସୁଶୀଲ ଗଡ଼ନାୟକ, କୁନାଲ ନାଏକ, ସୁନୀଲ କୁମାର ନାୟକ ପ୍ରମୁଖ ସାମିଲ ହୋଇଥିଲେ।




ଦହିପାଣି ବଣ୍ଟନ କରିଥିବା ୱାରିୟର କ୍ଲବ ସଦସ୍ୟମାନେ।

## ରୂପ୍‌ସାରେ ଅଗ୍ନିକାଣ୍ଡ, ୫ ବଖରା ଜଳିଗଲା

**ରୂପ୍‌ସା, ୧।୪(ଡି.ଏନ.ଏ.)**

ରୂପ୍‌ସା ଥାନା ଅନ୍ତର୍ଗତ ମିରିଗିମୁଣ୍ଡି ଓ ବାରାପାଳ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ବୁଧବାର ମିରିଗିମୁଣ୍ଡି ଗ୍ରାମର ଭାଗବତ ଦଳାଇ ଓ ବିଧବା ଜୟନ୍ତୀ ଦଳାଇଙ୍କ ୨ ବଖରା ଘର ନିଆଁ ଲାଗି ସମସ୍ତ ଘରକରଣା ସାମଗ୍ରୀ ସହ ଧାନଚାଉଳ, ବାସନକୁସନ, ଲୁଗାପଟା ପୋଡ଼ି ଛାରଖାର ହୋଇଯାଇଛି। ଗୁରୁବାର ବାରାପାଳ ଗ୍ରାମର କିଶୋର ନାୟକଙ୍କ ଘରେ ଅଗ୍ନିକାଣ୍ଡ ଘଟି ୩ବଖରା ଜଳିଯାଇଛି। ସମସ୍ତ ଜିନିଷପତ୍ର, ଧାନଚାଉଳ, ବାସନକୁସନ, ଲୁଗାପଟା ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ବସ୍ତା ଦମକଳ ବାହିନୀ ଉଭୟ ଗ୍ରାମରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ବାସହରା ୩ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ବଇଣ୍ଡା,୧।୪ (ଡି.ଏନ.ଏ.)**

କିଶୋରନଗର ହାଇସ୍କୁଲ ପରିସରରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ ହାଇସ୍କୁଲରୁ ୨୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପ୍ରଧାନ ଯୋଗଦେଇ ସାଧାରଣ ଭିତରୁ ଅସାଧାରଣ ତଥ୍ୟ ଖୋଜିବା ହିଁ ବିଜ୍ଞାନ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ବିନାୟକ ଦେହୁରୀ, ସୁପ୍ରଭା ସାହୁ, ସୋମାଞ୍ଜଳୀ ସାହୁ, ଜାଗ୍ରତ ସାଇଁ, ରୁଦ୍ର ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଦେହୁରୀ, ବିଜ୍ଞାନ ଶିକ୍ଷକ ଆନନ୍ଦ କୁମାର ସାହୁ ବିଚାରକ ଭାବେ ଯୋଗଦେଇ ଥିଲେ। ୨୪ ପ୍ରକଳ୍ପରୁ ୫ ପ୍ରକଳ୍ପ ଜିଲାସ୍ତରରେ ହେବାକୁ ଥିବା ବିଜ୍ଞାନ ମେଳାରେ ଭାଗ ନେବାକୁ ମନୋନୀତ ହୋଇଛି।




ବ୍ଲକସ୍ତରୀୟ ବିଜ୍ଞାନମେଳା କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ।

## 'ସେବା ସହ ସୁସମ୍ପର୍କ ସ୍ଥାପନ ଲାଗି ପରାମର୍ଶ'

### ୮୬ତମ ପୋଲିସ ପ୍ରତିଷ୍ଠା ଦିବସ

**ବାରିପଦା ଅଫିସ,୧।୪**

ମୟୂରଭଞ୍ଜ ଜିଲା ବାରିପଦା ରିଜର୍ଭ ପୋଲିସ ପଡ଼ିଆରେ ୮୬ତମ ପୋଲିସ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା ପୋଲିସ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସ ଯୋଗଦେଇ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ, ଉପଜିଲାପାଳ ପି.ଅନ୍ୱେଷା ରେଡ୍ଡି, ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଙ୍କୁର ମଲ୍ଲିକ ଓ ସୁଯୋଗ୍ୟ ମିଶ୍ର, ଡିଏସ୍‌ପି ସବିତା ମାଝି ଓ ପ୍ରଭାସ ପାଲ, ସଦର ଏସ୍‌ଡିପିଓ କେ.କେ.ହରିପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ କର୍ମଚାରୀମାନେ ଲୋକଙ୍କୁ ଉତ୍ତମ ସେବା ଯୋଗାଇଦେବା ସହିତ ସୁସମ୍ପର୍କ ସ୍ଥାପନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉତ୍କୃଷ୍ଟ ସେବା ଯୋଗାଇଥିବା ୨୦୧୯ ଓ ୨୦୨୦ ବର୍ଷ ପାଇଁ ୧୨ଜଣ କର୍ମଚାରୀ ଓ ୧୬ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା। ସଂରକ୍ଷିତ ଆରକ୍ଷୀ ନୀରିକ୍ଷକ କୁଳମଣି ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାରିପଦା ଲକ୍ଷ୍ମୀପୋଷି ସ୍ଥିତ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ବାହିନୀ ପୋଲିସ(ଓଏସ୍‌ଏପି) ୫ମ ଦୁର୍ଗ ପରିସରରେ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦୁର୍ଗର କମାଣ୍ଡାଣ୍ଟ ବିଷ୍ଣୁପଦ ଦାସ ଉପସ୍ଥିତ ରହି ମହାମାରୀ କରୋନା ସମୟରେ ସମ୍ମୁଖ ଯୋଦ୍ଧା ଭାବେ କାର୍ଯ୍ୟକରିଥିବା ଜଣେ ଲେଖାଏ ଡେପୁଟୀ ସୁବେଦାର, ହାବିଲଦାର ମେଜର, ସିପାହୀ ଓ ୩୪ଜଣ ପ୍ଲାଜମା ଦାନ କରିଥିବା ଆରକ୍ଷୀ ସିପାହୀଙ୍କୁ ସମ୍ମାନିତ କରିଥିଲେ।

## ପାଉଁଶ ପରିବହନକୁ ବିରୋଧ

**କଣିହାଁ,୧।୪ (ଡି.ଏନ.ଏ.)**

କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ ସହିତ ଆଶ୍‌ପଣ୍ଡରୁ ୨ ଦିନ ହେଲା ପ୍ରବଳ ମାତ୍ରାରେ ପାଉଁଶ ଉଡୁଛି। ଫଳରେ ଡେରଙ୍ଗ, କାକୁଡ଼ିଆ, କଣିହାଁ, ବଡ଼ଗୁଣ୍ଡୁରୀ, ଗଦାଶିଳା, ବିଜିଗୋଳ ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରଦୂଷଣ ସମସ୍ୟାକୁ ନେଇ କଲବଲ ହେଉଛନ୍ତି। ବ୍ଲକ, ତହସିଲ, କୃଷି, ବିଦ୍ୟୁତ୍, ବନାଞ୍ଚଳ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଯାଉଥିବା ଲୋକେ ହନ୍ତସନ୍ତ ହେଉଛନ୍ତି। ୬ ଶହରୁ ଊର୍ଦ୍ଧ୍ୱ ଟ୍ରକ୍ ଯୋଗେ ପାଉଁଶ ପରିବହନ ହେଉଥିବା ବେଳେ ଗାଇଡ ଲାଇନ ପାଳନ ହେଉନାହିଁ। ପ୍ରକଳ୍ପ କର୍ତ୍ତୃପକ୍ଷ ପାଉଁଶ ପୋଖରୀ ହୁଡ଼ାରେ ମାଟି ନ ଘୋଡ଼ାଇବା, ଉପଯୁକ୍ତ ପାଣି ସିଞ୍ଚନ ବ୍ୟବସ୍ଥା କରୁ ନ ଥିବାରୁ ସାମାନ୍ୟ ପବନରେ ପାଉଁଶ ଉଡୁଛି। ବୁଧବାର ୫ ଘଣ୍ଟା ଧରି ପାଉଁଶ ଉଡ଼ିବାରେ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପ୍ରତିବାଦରେ କଣିହାଁ ଗ୍ରାମବାସୀ ଏନ୍‌ଟିପିସି ପାଇପ ଲାଇନ ରାସ୍ତାରେ ପାଉଁଶ ପରିବହନକୁ ବିରୋଧ କରିଥିଲେ। ଗୁରୁବାର ୨୪ ଘଣ୍ଟା ବିତିଯାଇଥିଲେ ମଧ କେହି ଆଲୋଚନା କରିବାକୁ ନ ଆସିବାରୁ ପରିବହନ ବନ୍ଦ ରହିଛି। କଣିହାଁ ଗ୍ରାମ ପୂର୍ବତନ ସଭାପତି ସୁଧାକର ପ୍ରଧାନ, ଗ୍ରାମବାସୀ ଆଲୋକ ସାହୁ, ଅମର ସାହୁ କହିଛନ୍ତି, ପ୍ରଦୂଷଣ ବିଷ ବଳୟରେ କଲବଲ ହେଉଛୁ। ପ୍ରତିକାର ଦାବିରେ ପାଉଁଶ ପରିବହନକୁ ବିରୋଧ କରିଛୁ। ସମସ୍ୟା ସମାଧାନ ନ ହେଲେ ରାଜପଥରେ ମଧ ପାଉଁଶ ଗାଡି ଚଳାଚଳକୁ ବିରୋଧ କରାଯିବ। ଏ ନେଇ କଣିହାଁ ତହସିଲଦାର ପତିତପାବନ ଦେବତା, ଥାନା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିନାହିଁ।



ପାଉଁଶ ଉଡୁଥିବା ଯୋଗୁ ଆକାଶ ଧୂଆଁଳିଆ ହୋଇଯାଇଛି।

## ଟାୟାର ଜାଳି ପ୍ରତିବାଦ କଲେ ଟ୍ରକ୍ ଚାଳକ

### ଲୋଡିଂ ପାଇଁ ଟୋକନ ବଣ୍ଟାକୁ ନେଇ ବିବାଦ

**କେନ୍ଦୁଝର, ୧।୪(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଶୁଆକାଟି ସ୍ଥିତ ଗନ୍ଧମାର୍ଦ୍ଦନ ଲୁହା ପଥର ଖଣିରେ ଲୋଡିଙ୍ଗପାଇଁ ଟୋକନ ବଣ୍ଟାକୁ ନେଇ ଟ୍ରକ ମାଲିକ ତଥା ଚାଳକଙ୍କ ମଧରେ ଗୁରୁବାର ଅଶାନ୍ତି ଦେଖାଦେଇଛି। ପାର୍କିଂରେ ରହୁଥିବା ଟ୍ରକକୁ ଟୋକନ ଦେବାରେ ପାତରଅନ୍ତର କରାଯାଉଥିବା ଡ୍ରାଇଭରମାନେ ଅଭିଯୋଗ କରିଛନ୍ତି। ଫଳରେ ଉତ୍ତ୍ୟକ୍ତ ଟ୍ରକ ମାଲିକ ତଥା ଚାଳକ ମାନେ ସ୍ଥାନୀୟ ତେନ୍ତୁଳି ଗ୍ରାମ ଟ୍ରକ ପାର୍କିଂ ୟାର୍ଡରେ ଏହାର ପ୍ରତିବାଦ ଜଣାଇ ବିରୋଧ ପ୍ରଦର୍ଶନ କରିଛନ୍ତି। ସେମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ତେବେ ଏନେଇ ଖଣି ସଂସ୍ଥା କିମ୍ବା ଟ୍ରକ ମାଲିକ ସଂଘ କିମ୍ବା ପୋଲିସ ପହଞ୍ଚି ଆଲୋଚନା କରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଟୋକନ ମିଳୁ ନ ଥିବାରୁ ଟ୍ରକ ଧରି ମାଲିକ ଓ ଚାଳକ ଦୀର୍ଘ ଦିନ ଧରି ଖରାରେ ଉକ୍ତ ପାର୍କିଂସ୍ଥଳରେ ଅଟକି ରହି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଆନ୍ଦୋଳନ ଯୋଗୁ ଲୁହାପଥର ପରିବହନ ବାଧାପ୍ରାପ୍ତ ହୋଇଛି। ଟ୍ରକ ମାଲିକମାନଙ୍କୁ ଲୋଡିଙ୍ଗ ପାଇଁ ସାତ ଦିନ ଧରି ଅପେକ୍ଷା କରିବାକୁ ପଡୁଥିଲେ ହେଁ ଟୋକନ ମିଳୁନହିଁ। ଫଳରେ ଟୋକନ ହେରଫେର ଚାଲିଥିବା ଅଭିଯୋଗ କରି ଆନ୍ଦୋଳନ ଜାରି ରଖିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏନେଇ ସଦର ଏସ୍‌ଡିପିଓ ପି.ଜେ. ଟପ୍ପୋ କହିଛନ୍ତି ଯେ ଘଟଣା ଉପରେ ନଜର ରଖାଯାଇଛି। ଏହା ସଂଘର ମାମଲା। ଏଣୁ ଟ୍ରକ ମାଲିକ ସଂଘ ପଦକ୍ଷେପ ନେବାକୁ କୁହାଯାଇଛି।

## ସଂକ୍ଷେପରେ

### ଚୋରା ମଦ ଜବତ, ଜଣେ ଗିରଫ

**ଅନୁଗୋଳ ଅଫିସ, ୧।୪:** ଅନୁଗୋଳ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ଅବକାରୀ ଡିଏସ୍‌ପି ନିନା ବେଉରାଙ୍କ ନେତୃତ୍ୱରେ ଏକ ଟିମ୍ ପଞ୍ଚମହଲାରେ ଚଢ଼ାଉ କରି ଚୋରା ମଦ ଜବତ କରିଛି। ସୁଧାକର ମହାନ୍ତିଙ୍କ ଘରୁ ୫୬.୫୨୦ ଲିଟର ନକଲି ବିଦେଶୀ ଚୋରା ମଦ, ୩୭ ଲିଟର ବାହାର ଭାଟି ମଦ, ୩୦ ଲିଟର ଚୋରା ଦେଶୀ ମଦ, ୧୬୦ଟି ଖାଲି ମଦ ବୋତଲ, ମଦ ପ୍ରସ୍ତୁତ ସାମଗ୍ରୀକୁ ଜବତ କରାଯାଇଛି। ସୁଧାକରଙ୍କୁ ଗିରଫ ପରେ ଅଧିକ ପଚରା ଉଚରା ସମୟରେ ବଣିଆବାହଲରେ ଥିବା ତାଙ୍କ ଶଶୁର ଘର ନିକଟରେ କଞ୍ଚାମାଲ ରଖିଥିବା ଜଣାପଡ଼ିଥିଲା। ପରେ ଅବକାରୀ ବିଭାଗ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ୧୪୦ ଲିଟର ସ୍ପିରିଟ୍ ସହ ୩,୫୦୦ ଠିପି, କାଡ଼ାମେରୀ, ମଦରେ ଦିଆଯାଉଥିବା ଫ୍ଲେବର ଜବତ କରାଯାଇଛି।

### ୩ରେ ରେଙ୍ଗାଳି ଡ୍ୟାମ୍ ରାସ୍ତା ବନ୍ଦ

**କଣିହାଁ,୧।୪(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ଉପର ରାସ୍ତା ଆସନ୍ତା ୩ ତାରିଖରେ ବନ୍ଦ ରହିବ। ଓଏଚ୍‌ପିସି ପାୱାର ହାଉସ୍ ୨ନଂ. ୟୁନିଟର ହଏଷ୍ଟ ଗେଟ୍ ମରାମତି ପାଇଁ ଡ୍ୟାମ୍ ଜଳ ଭଣ୍ଡାର ମଧ୍ୟରୁ ଉତ୍ତୋଳନ କରାଯିବ। ବିଶାଖାପାଟନମରୁ ଆସିଥିବା ବୁଡ଼ାଳିଙ୍କ ଦ୍ୱାରା ଜଳଭଣ୍ଡାର ମଧ୍ୟରୁ କ୍ରେନ ସାହାଯ୍ୟରେ ଏହି ବିରାଟ ଫାଟକକୁ ଉତ୍ତୋଳନ କରାଯିବ। କୌଣସି ଅଘଟଣ ନ ଘଟିବା ପାଇଁ ଡ୍ୟାମ୍‌ର ଉଭୟପାର୍ଶ୍ୱରେ ଥିବା ଲୁହା ଫାଟକକୁ ୩ ତାରିଖ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରଖାଯିବ। ଫଳରେ ରେଙ୍ଗାଳିରୁ ଖମାର ରାସ୍ତାରେ ଯାତାୟାତ ବନ୍ଦ ରହିବ। ଡ୍ୟାମ୍‌ର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଗ୍ରାମର ଜନସାଧାରଣ ଏଥିରେ ସହଯୋଗ କରିବାକୁ ଓଏଚ୍‌ପିସିର ବରିଷ୍ଠ ସାଧାରଣ ପରିଚାଳକ ସୁବାସ ପାତ୍ର ଅନୁରୋଧ କରିଛନ୍ତି।

### ୩ ବଖରା ଜଳିଗଲା

**ବଇଣ୍ଡା,୧।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଲିପିଲୋଇ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି କୃଷ୍ଣଚନ୍ଦ୍ର ପାତ୍ରଙ୍କ ୩ ବଖରା ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା

**ଛେଣ୍ଡିପଦା/ କଣିହାଁ ,୧।୪(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ କୋଶଳା କଲେଜ ଅଧକ୍ଷ ରାମଚନ୍ଦ୍ର ସାହୁଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସହକର୍ମୀ ଅଧାପକ, ପ୍ରାଧାପକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ପରେ ତର୍କଶାସ୍ତ୍ର ବିଭାଗ ପ୍ରାଧାପିକା ଭାମାରାଣୀ ତ୍ରିପାଠୀ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ବିଦାୟୀ ଅଧକ୍ଷ ଓ ପୂର୍ବରୁ ଅବସର ଗ୍ରହଣ କରିଥିବା ପ୍ରାଧାପିକା, ପ୍ରାଧାପକ ଓ କର୍ମଚାରୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧାପକ ଦିଲୀପରାଜ ପ୍ରଧାନ, ଅଧାପକ ମନୋଜ ବେହେରା, ତଅପୋଇ ସାହୁ, ପ୍ରଭାତୀ ମଞ୍ଜରୀ ପ୍ରଧାନ, କ୍ଷୀରମୋହନ ସାହୁ, ପ୍ରାଣବନ୍ଧୁ ବେହେରା ପରିଚାଳନା କରିଥିଲେ। ସେହିପରି କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ହାଇସ୍କୁଲରେ ପ୍ରଧାନ ଶିକ୍ଷକଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବଡ଼ଗୁଣ୍ଡୁରୀ ପଞ୍ଚାୟତ ସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲରେ ଗଦାଧର ପ୍ରଧାନ, ବରପଦା ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ବେହେରା, ଜରପଡ଼ା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଆର୍ତ୍ତତ୍ରାଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକର ୩ୟ ସର୍ବପୁରାତନ ଜନତା ହାଇସ୍କୁଲ ବଜ୍ରକୋଟର ପ୍ରଧାନ ଶିକ୍ଷକ ଦେବରାଜ ସାହୁଙ୍କୁ ମଧ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ପକ୍ଷରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି।

# ସରକାର ହିଁ ଶେଷ ଆଶା


ଟିଟିପିଏସ୍ ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି।

- ଟିଟିପିଏସ୍ ବନ୍ଦ ପରେ ଚିନ୍ତାରେ ଶ୍ରମିକ
- ଜୀବିକା ନ ଛଡ଼ାଇ ନିଯୁକ୍ତି ଦେବାକୁ ଦାବି
- ପ୍ଲାଣ୍ଟ ସମ୍ମୁଖରେ ଏକତା ମଞ୍ଚର ଧାରଣା ଜାରି

**ତାଳଚେର,୧।୪ (ନି.ପ୍ର.)**

ମାର୍ଚ୍ଚ ୩୧ରେ ସମସ୍ତ ଚର୍ଚ୍ଚାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ବନ୍ଦ ହୋଇଯାଇଛି ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)। ଫଳରେ ଓଡ଼ିଶାକୁ ଦୈନିକ ୪୬୦ ମେଗାୱାଟ୍ ବିଦ୍ୟୁତ୍ କ୍ଷତି ସହିବାକୁ ପଡୁଥିବାବେଳେ ଜୀବିକା ହରାଇଛନ୍ତି ସହସ୍ରାଧିକ ଶ୍ରମିକ। ପ୍ଲାଣ୍ଟ ବନ୍ଦ ପୂର୍ବରୁ ଏତେ ସଂଖ୍ୟକ ଶ୍ରମିକଙ୍କ ଜୀବନ ଜୀବିକା କଥା ଚିନ୍ତା କରାଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଟିଟିପିଏସ୍ ଚାଲୁ ଓ ତୁରନ୍ତ ଷ୍ଟେଜ-୩ ୟୁନିଟ୍ ସ୍ଥାପନ ଦାବିରେ ଏକତା ମଞ୍ଚ ପକ୍ଷରୁ ଧାରଣା ଜାରି ରହିଛି। ତେବେ ଆଗାମୀ ୫ ତାରିଖରେ ଏ ନେଇ ସରକାରୀସ୍ତରରେ ଥିବା ବୈଠକ ହିଁ ଶ୍ରମିକମାନଙ୍କ ଶେଷ ଆଶା ପାଲଟିଛି।

୫୪ ବର୍ଷ ଧରି ଏହି ପୁରୁଣା ତାପଜ ବିଦ୍ୟୁତ୍ କେନ୍ଦ୍ର ତାଳଚେର ଅର୍ଥନୀତିର ଅନ୍ୟତମ କର୍ଣ୍ଣଧାର ସାଜିଆସିଥିଲା। ଏକ ହଜାରରୁ ଅଧିକ ଶ୍ରମିକ ଏଠାରେ କାର୍ଯ୍ୟରତ ଥିଲେ। ମୋଟ୍ ୬ଟି ୟୁନିଟ୍‌ରୁ ଦୈନିକ ଉତ୍ପାଦନ ହେଉଥିବା ୪୬୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ସମ୍ପୂର୍ଣ୍ଣ ଭାବେ ଓଡ଼ିଶାକୁ ମିଳୁଥିଲା। ହେଲେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଦେଶ କାର୍ଯ୍ୟକାରୀ କରି ନ ଥିବାରୁ ମାର୍ଚ୍ଚ ୩୧ ପରେ ଏହି ପ୍ଲାଣ୍ଟ ପରିଚାଳନା ପାଇଁ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ଅନୁମତି ମିଳି ନ ଥିଲା। କିନ୍ତୁ ଏହାକୁ ସହଜରେ ବିଶ୍ୱାସ କରୁନାହାନ୍ତି ଶ୍ରମିକମାନେ। ପ୍ଲାଣ୍ଟ ବନ୍ଦ କରିବାକୁ ଏହା ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ଷଡ଼ଯନ୍ତ୍ର ବୋଲି ସେମାନେ ଅଭିଯୋଗ କରିଆସୁଛନ୍ତି। ଗତ ୩୧ ତାରିଖ ସକାଳ ୮ଟା ୪୩ରେ ଟିଟିପିଏସ୍‌ରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ସହ ଲାଇଟ୍ ଲିଭାଇ ଦିଆଯାଇଥିଲେ ମଧ୍ୟ ଆଶା ଛାଡ଼ିନାହାନ୍ତି ଶ୍ରମ ସଙ୍ଗଠନ। ପୂର୍ବଭଳି ପ୍ଲାଣ୍ଟ ଚାଲିବ ବୋଲି ଏବେ ବି ଅନେକଙ୍କ ମନରେ ବିଶ୍ୱାସ ରହିଛି। ଉତ୍ସାହ ନ ଥିଲେ ମଧ୍ୟ ପ୍ଲାଣ୍ଟ ସମ୍ମୁଖରେ ଦୈନିକ ଶ୍ରମିକମାନଙ୍କ ଗହଳି ଦେଖିବାକୁ ମିଳୁଛି। ନିଜ ଅନିଶ୍ଚିତ ଭିବିଷ୍ୟତ ଓ ପରିବାର ପ୍ରତିପୋଷଣ ଚିନ୍ତାରେ ଥିବା ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଗୁରୁବାର ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗଣଧାରଣାସ୍ଥଳକୁ ଯାଇ ଶ୍ରମିକମାନଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ୫ ତାରିଖରେ ମୁଖ୍ୟ ଶାସନ ସଚିବ, ଶ୍ରମ କମିଶନର ଓ ଏନ୍‌ଟିପିସି ଅଧ୍ୟକ୍ଷଙ୍କ ମଧ୍ୟରେ ଆଲୋଚନା ହେବାକୁ ଥିବାରୁ ସେଯାଏ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ବିଧାୟକ ପରାମର୍ଶ ଦେଇଥିବା ସୂଚନା ମିଳିଛି।

### କୋଇଲା ପରିବହନ ବନ୍ଦ କରିବୁ



“ଆସନ୍ତା ୫ ତାରିଖରେ ଟିଟିପିଏସ୍ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ତେଣୁ ଏତେ ସଂଖ୍ୟକ ଶ୍ରମିକଙ୍କ ଜୀବିକା କିପରି ବଞ୍ଚିବ ସେ ନେଇ ସରକାର କିଛି ନା କିଛି ବାଟ ବାହାର କରିବାର ବିଶ୍ୱାସ ଅଛି। ଏହା ନ ହେଲେ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ କୋଇଲା ଯୋଗାଣ ବନ୍ଦ କରାଯିବ।

-ଆଲୋକ ସାମଲ, ଶ୍ରମିକ

### ଅର୍ଥନୈତିକ ଅବରୋଧ ଆରମ୍ଭ ହେବ



“ଟିଟିପିଏସ୍‌ରେ ଷ୍ଟେଜ-୩ ୟୁନିଟ୍ କେବେ ବସିବ ତାହା ଠିକ୍ ଭାବେ ଜଣାନାହିଁ। ଜୀବିକା ଚାଲିଯାଇଥିବାରୁ ସମସ୍ତେ ଚିନ୍ତାରେ ରହିଛୁ। ଯଦି ସରକାର ନିରାଶ କରନ୍ତି ତା'ହେଲେ ଜୋର୍‌ଦାର ପ୍ରତିବାଦ କରାଯିବ। ତାଳଚେରରେ ଅର୍ଥନୈତିକ ଅବରୋଧ ଆରମ୍ଭ ହେବ।

-ଅଶୋକ କୁମାର ମଲ୍ଲିକ, ଶ୍ରମିକ

### କିଛିଟା ଆଶା ଅଛି



“ସବୁଆଡୁ ନିରାଶ ହେଲୁଣି। ତଥାପି ସରକାରଙ୍କୁ ନେଇ କିଛିଟା ଆଶା କରିଛୁ। କାମଧନ୍ଦା ନ ମିଳିଲେ ପରିବାର ଚଳାଇ ପାରିବୁନି। ତେଣୁ ଶ୍ରମିକମାନଙ୍କ ଜୀବନ ଜୀବିକା କଥା ବିଚାର କରାଯାଉ। ନୂଆ ପ୍ଲାଣ୍ଟ ଆସିଲେ ସେତେବେଳେ କ'ଣ ହେବ ତାହା କିଏ କହିବ।

-ବିମଳ କୁମାର ସାମଲ, ଶ୍ରମିକ

### ଶ୍ରମିକଙ୍କ ଭବିଷ୍ୟତ ପ୍ରଶ୍ନବାଚୀରେ



“ଟିଟିପିଏସ୍‌ରେ କାର୍ଯ୍ୟ କରୁଥିବା ୧୪୪୬ ଜଣ ଶ୍ରମିକଙ୍କ ଭବିଷ୍ୟତ କ'ଣ ହେବ ତାହା ଏବେ ପ୍ରଶ୍ନବାଚୀରେ ଅଛି। କରୋନା ସମୟରେ ସମସ୍ତଙ୍କ ହାତକୁ କାମ ଦେବା କଥା। କିନ୍ତୁ ଏଠାରେ ଜୀବିକା ଛଡ଼ାଇ ନିଆଯାଇଛି। ସରକାର ଶ୍ରମିକଙ୍କୁ ନିଯୁକ୍ତି ଦେବା ବ୍ୟବସ୍ଥା କରନ୍ତୁ।

-ଶ୍ରବଣ କୁମାର ସାମଲ, ଶ୍ରମିକ

### ଠିକଣା ସମୟରେ ଜବାବ ଦିଆଯିବ



“ଶ୍ରମିକଙ୍କ ଜୀବନ ଜୀବିକା କଥା ଚିନ୍ତା ନ କରି କାମରୁ ବାହାର କରିଦିଆଗଲା। ଆଗାମୀ ଦିନରେ ସରକାର, ଏନ୍‌ଟିପିସି କର୍ତ୍ତୃପକ୍ଷ ଓ ସ୍ଥାନୀୟ ରାଜନେତାମାନେ କ'ଣ କରୁଛନ୍ତି ତାହାକୁ ହିଁ ଅପେକ୍ଷା କରିଛୁ। ଶ୍ରମିକଙ୍କ ଭବିଷ୍ୟତ ସହ ଖେଳିଲେ ଠିକଣା ସମୟରେ ଜବାବ ଦିଆଯିବ।

-ବିନୋଦ ବାରିକ, ଶ୍ରମିକ

### ପରିବାର ସହ ଆତ୍ମାହୁତି ଦେବୁ



“ଟିଟିପିଏସ୍‌ରେ ଦୀର୍ଘ ବର୍ଷ କାମ କରିବା ପରେ ମଧ ଶ୍ରମିକମାନଙ୍କ କଥା ବିଚାର କରାଗଲା ନାହିଁ। ଏଠାକାର ରାଜନେତା କେନ୍ଦ୍ରମନ୍ତ୍ରୀ, ଏମ୍‌ପି, ବିଧାୟକ ଅଛନ୍ତି। ଯଦି ସେମାନେ ଆମ କଥା ବିଚାର ନ କରନ୍ତି ତା'ହେଲେ ପରିବାର ସହ ଆତ୍ମାହୁତି ଦେବୁ।

-କାହ୍ନୁଚରଣ ରଥ, ଶ୍ରମିକ

## ଠିକାଶ୍ରମିକଙ୍କ ପକ୍ଷରୁ ପ୍ରତିବାଦ ସଭା

**କଣିହାଁ,୧।୪(ଡି.ଏନ.ଏ.)**

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନ ଥିବା ଦର୍ଶାଇ ଏନ୍‌ଟିପିସି କର୍ତ୍ତୃପକ୍ଷ ମାର୍ଚ୍ଚ ୩୧ରୁ ଟିଟିପିଏସ୍‌କୁ ବନ୍ଦ କରିଦେବା ପ୍ରତିବାଦରେ ଗୁରୁବାର ବାଇପାସ ଛକଠାରେ ଏନ୍‌ଟିପିସି କଣିହାଁ ଠିକାଶ୍ରମିକଙ୍କ ପକ୍ଷରୁ ପ୍ରତିବାଦ ସଭା କରାଯାଇଥିଲା। ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱର୍କର୍ସ ୟୁନିୟନ ପକ୍ଷରୁ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ୟୁନିୟନ ସଭାପତି ଜୟସେନ ମହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ଶ୍ରମିକ, କର୍ମଚାରୀ ଓ ଜନମାରଣ ନୀତି ଯୋଗୁ ତାଳଚେର ଥର୍ମାଲ ପ୍ଲାଣ୍ଟ ବନ୍ଦ ହୋଇଛି ବୋଲି ଅଭିଯୋଗ କରିଥିଲେ। ସେହିପରି ଅବିଳମ୍ବେ ପରିବେଶ ମଞ୍ଜୁରୀ ପ୍ରଦାନ କରି ୪୬୦ ମେଗାୱାଟ କ୍ଷମତା ସମ୍ପନ୍ନ ଟିଟିପିଏସ ପ୍ଲାଣ୍ଟ ଚାଲୁ କରିବା ଓ ଷ୍ଟେଜ-୩ର ୬୬୦ ମେଗାୱାଟ କ୍ଷମତା ବିଶିଷ୍ଟ ୨ଟି ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ଯୁଦ୍ଧକାଳୀନ ପ୍ରକ୍ରିୟାରେ ଉଦ୍ୟମ କରିବାକୁ ଦାବି କରିଥିଲେ। ସେହିପରି ପ୍ଲାଣ୍ଟରେ ଦୀର୍ଘବର୍ଷ ଧରି କାମ କରି ଆସୁଥିବା ଠିକାଶ୍ରମିକଙ୍କୁ କର୍ମଚ୍ୟୁତ ନ କରି ସେମାନଙ୍କୁ ପୂର୍ବଭଳି ନିଯୁକ୍ତି ପ୍ରଦାନ କରିବାକୁ ମଧ୍ୟ ୟୁନିୟନ ଦାବି କରିଛି। ଶ୍ରମିକ ସ୍ୱାର୍ଥ ପ୍ରତି ଅବହେଳା କରାଗଲେ ଏନ୍‌ଟିପିସି କଣିହାଁର ଠିକା ଶ୍ରମିକମାନେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ୟୁନିୟନ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନୀଳାମ୍ବର ତିରିଆ, ଗନ୍ଧର୍ବ ନାଏକ, ବୀରେନ୍ଦ୍ର ନାଏକ, ଅର୍ଜୁନ ସାହୁ, ପ୍ରକାଶ ଗୋଛାୟତ, ଶଙ୍କର ମାରାଣ୍ଡି, ରଣଜିତ ସାହୁ ପ୍ରମୁଖ ସାମିଲ ଥିଲେ।

## ଓମ୍ ପ୍ରକାଶ ଜିନ୍ଦଲଙ୍କ ପୁଣ୍ୟତିଥି

**ଅନୁଗୋଳ ଅଫିସ, ୧।୪**

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପରିସରରେ ଥିବା ମନ୍ଦିର ଠାରେ ଓପି ଜିନ୍ଦଲ ଗ୍ରୁପ୍‌ର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ୧୬ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ପ୍ରାର୍ଥନା ସଭାର ଆୟୋଜନ ସହ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରାଯାଇଥିଲା। ଜେଏସ୍‌ପିଏଲ୍ ଅନୁଗୋଳ ପ୍ରକଳ୍ପ ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝାଙ୍କ ନେତୃତ୍ୱରେ ଦାମୋଦର ମିତ୍ତଲ, ରବି ଶଙ୍କର, ଏସ୍.କେ. ଶର୍ମାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ, ଜିନ୍ଦଲ ମହିଳା ସମିତି ସଦସ୍ୟା, କର୍ମଚାରୀ, ଗୋଷ୍ଠୀ ସମୁଦାୟ ସଦସ୍ୟମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଜେଏସପିଏଲ୍ ଫାଉଣ୍ଡେଶନ ଏବଂ ଜିନ୍ଦଲ ମହିଳା ସମିତି ସଦସ୍ୟମାନେ ବିଭିନ୍ନ ବୃଦ୍ଧାଶ୍ରମ ଏବଂ ପୁନର୍ବାସ କେନ୍ଦ୍ରର ଅନ୍ତେବାସୀଙ୍କୁ ଖାଦ୍ୟ, ବସ୍ତ୍ର ବଣ୍ଟନ କରିଥିଲେ। ଜେଏସ୍‌ପିଏଲ୍ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ସଭାପତି ତଥା ଭୁବନେଶ୍ୱର କାର୍ଯ୍ୟାଳୟ ପ୍ରମୁଖ ପ୍ରଶାନ୍ତ ହୋତା ଓ ଅନ୍ୟତମ ସଭାପତି ହରବିନ୍ଦର ସିଂହ ଶ୍ରଦ୍ଧା ସୁମନ ଅର୍ପଣ କହିଥିଲେ। ଫାଉଣ୍ଡେଶନ୍ ପକ୍ଷରୁ ଅନେକ ଜରାଶ୍ରମ ଓ ସ୍ୱତନ୍ତ୍ର ଭିନ୍ନକ୍ଷମ ଶିଶୁଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା।


ଓମ୍ ପ୍ରକାଶ ଜିନ୍ଦଲଙ୍କ ପୁଣ୍ୟତିଥି ପାଳନ ଅବସରରେ ଜେଏସ୍‌ପିଏଲ୍ ଅଧିକାରୀମାନେ।

## ୫ରେ କଂଗ୍ରେସର ଧାରଣା

**ଅନୁଗୋଳ ଅଫିସ,୧।୪**

ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯିବ। ଏ ନେଇ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା ଗୁରୁବାର ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, କୋଭିଡ୍ ମହାମାରୀ ଯୋଗୁ ରାଜ୍ୟବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡିଥିବା ବେଳେ ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ଦର ବୃଦ୍ଧି ନିଷ୍ପତ୍ତି ସାଧାରଣ ଜନତାଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର ଦାବିରେ ଆସନ୍ତା ୫ ତାରିଖ ସୋମବାର ସକାଳ ୯ ଘଟିକା ଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଅନୁଗୋଳ ମୁଖ୍ୟ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ବିଦ୍ୟୁତ୍ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ସମସ୍ତ ବିଦ୍ୟୁତ୍ ଉପଭୋକ୍ତା, କଂଗ୍ରେସକର୍ମୀମାନେ ଉକ୍ତ ଗଣଧାରଣାରେ ଯୋଗଦେବାକୁ ଜିଲା ସଭାପତି ଜେନା ନିବେଦନ କରିଛନ୍ତି।

## 'ମୋ ୱାର୍ଡ'ର ଶୁଭାରମ୍ଭ କଲେ ଜିଲାପାଳ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଓ ପୌର ଅଧିକାରୀ।

**ଅନୁଗୋଳ ଅଫିସ, ୧।୪**

ଓଡ଼ିଶା ଦିବସ ଅବସରରେ ଅନୁଗୋଳ ପୌରପାଳିକା ପକ୍ଷରୁ 'ମୋ ୱାର୍ଡ' ବ୍ୟବସ୍ଥାର ଉଦ୍‌ଘାଟନ କରାଯାଇଛି। ଭରତନଗର ସ୍ଥିତ ୱାର୍ଡ ନଂ. ୧୭ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୱାର୍ଡ ଅଫିସରଙ୍କ ସହ ସ୍ୱଚ୍ଛ ସାଥୀ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଶିକ୍ଷିତ ମହିଳା ଓ ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ। ଆଗାମୀ ଦିନରେ ସହରର ଅନ୍ୟ ୱାର୍ଡରେ ଏହି ବ୍ୟବସ୍ଥା ଆରମ୍ଭ ହେବ ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଜନସାଧାରଣ ଓ ପୌର ପ୍ରଶାସନର ସମନ୍ୱୟରେ ମୋ ୱାର୍ଡ ବ୍ୟବସ୍ଥାରେ ଉନ୍ନୟନ କାର୍ଯ୍ୟ କରାଯିବ। ଅନେକ ସମୟରେ ୱାର୍ଡବାସୀ ପରିମଳ, ପାନୀୟ ଜଳ ଆଦି ନେଇ ସମସ୍ୟାରେ ପଡୁଥିବା ବେଳେ ପୌର ପ୍ରଶାସନ ନିକଟରେ ଖବର ରହୁ ନ ଥିଲା। ତେଣୁ ମୋ ୱାର୍ଡ କାର୍ଯ୍ୟକାରୀ ହେବା ପରେ ଏକ କମିଟି ଗଢ଼ାଯାଇ ଏସବୁ ସମସ୍ୟା ଦୂର କରାଯାଇପାରିବ। ଉଦ୍‌ଘାଟନୀ ଅବସରରେ ମୋ ୱାର୍ଡର କାର୍ଯ୍ୟ ଖସଡ଼ା ଉପରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସ୍ଥାନୀୟ ବାସିନ୍ଦାଙ୍କୁ ବିସ୍ତୃତ ଭାବେ ଅବଗତ କରିଥିଲେ। ପୌରଯନ୍ତ୍ରୀ ସୀମାଞ୍ଚଳ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମସ୍ତ ପୌର କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଅଶ୍ୱିନୀଙ୍କୁ ବଚନ ଟ୍ରଫି, ୫ ଜଣଙ୍କୁ ଡିଜିପି ଡିସ୍କ


କନଷ୍ଟେବଳ ଅଶ୍ୱିନୀକାନ୍ତ ସାହୁ ଓ ଏଏସ୍‌ଆଇ ପ୍ରଶାନ୍ତ କୁମାର ସାହୁଙ୍କୁ ଡିଜିପି ସମ୍ମାନିତ କରୁଛନ୍ତି।

**ଅନୁଗୋଳ ଅଫିସ, ୧।୪**

ଅନୁଗୋଳ ପୋଲିସର କନଷ୍ଟେବଳ ଅଶ୍ୱିନୀକାନ୍ତ ସାହୁଙ୍କୁ ଓଡ଼ିଶା ପୋଲିସ ବଚନ ସ୍ମୃତି ଟ୍ରଫି ମିଳିଛି। ସେହିପରି ୫ ଜଣଙ୍କୁ ଡିଜିପି ଡିସ୍କ ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶା ପୋଲିସର ୮୬ତମ ପ୍ରତିଷ୍ଠା ଦିବସରେ କଟକ ଓମ୍‌ପିସ୍ଥିତ ୬ଷ୍ଠ ବାଟାଲିୟନରେ ଆୟୋଜିତ ଉତ୍ସବରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏହି ସମ୍ମାନ ପ୍ରଦାନ କରିଥିଲେ। ଓଡ଼ିଶା ପୋଲିସର ସର୍ବଶ୍ରେଷ୍ଠ କନଷ୍ଟେବଳ ହୋଇଥିବା ଅଶ୍ୱନୀକାନ୍ତଙ୍କୁ ତାଙ୍କ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଶା ପୋଲିସର ବଚନ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଚାକିରି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଗୋଳ ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ, କୋଲିୟରୀ ଥାନା ଏସ୍‌ଆଇ ଗୋବିନ୍ଦ ସାହୁ, ଅନୁଗୋଳ ଥାନା ଏଏସ୍‌ଆଇ ପ୍ରଶାନ୍ତ କୁମାର ସାହୁ, ଜିଲା ପୋଲିସ ମୁଖ୍ୟାଳୟର ସାଗର ସାହୁ ଓ ସ୍ପେଶାଲ ସ୍କ୍ୱାଡ୍‌ର ସୁକେଶ ସାହୁଙ୍କୁ ଡିଜିପି ଡିସ୍କ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

## ଅନୁଗୋଳରେ ପିଙ୍କ୍ ପାଟ୍ରୋଲିଂ

**ଅନୁଗୋଳ ଅଫିସ, ୧।୪**

ଅନୁଗୋଳ ସହରରେ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ଗୁରୁବାର ଠାରୁ ସ୍ୱତନ୍ତ୍ର ଭାବେ ଆରମ୍ଭ ହୋଇଛି ପିଙ୍କ୍ ପାଟ୍ରୋଲିଂ। ଓଡ଼ିଶା ଦିବସ ତଥା ଓଡ଼ିଶା ପୋଲିସର ୮୬ତମ ପ୍ରତିଷ୍ଠା ଦିବସରେ ଅନୁଗୋଳରେ ଏହି ନୂଆ ବ୍ୟବସ୍ଥା ଲାଗୁ ହୋଇଛି। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ ଓ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି।

ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ ଅନୁଗୋଳ ଛେଳିଆପଡ଼ା ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୮ଟି ପାଟ୍ରୋଲିଂ ଗାଡ଼ିର ଉଦ୍‌ଘାଟନ କରାଯାଇଥିଲା। ସେଥିରୁ ୪ଟି ସ୍କୁଟି ମହିଳା ପୋଲିସଙ୍କୁ ଓ ୪ଟି ମୋଟର ସାଇକେଲ ପୁରୁଷ ପୋଲିସ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଅନୁଗୋଳ ସହରରେ ଏସବୁ ଗାଡ଼ିରେ ପାଟ୍ରୋଲିଂ କରାଯିବ। ପିଙ୍କ୍ ସ୍କୁଟିରେ ପାଟ୍ରୋଲିଂ କରୁଥିବା ମହିଳା କର୍ମଚାରୀ ସହରର ମହିଳାମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ କାର୍ଯ୍ୟ କରିବେ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ଉକ୍ତ ୪ଟି ପିଙ୍କ୍ ପାଟ୍ରୋଲିଂ ଗାଡ଼ିରେ ୮ ଜଣ ମହିଳା କର୍ମଚାରୀ ସହରରେ ପଇଁତରା ମାରିବେ। ଏଥିରେ ଜିପିଏସ୍, ଫୋନ୍ ବ୍ୟବସ୍ଥା ରହିଛି। ସେହିପରି ପୋଲିସ ହେଲ୍ପ ନମ୍ବର ୧୧୨କୁ କେହି ମହିଳା ଫୋନ୍ କଲେ ପାଟ୍ରୋଲିଂ କରୁଥିବା ମହିଳା ପୋଲିସ ତୁରନ୍ତ ସେଠାରେ ପହଞ୍ଚିବେ। ତେବେ ଏହି ପାଟ୍ରୋଲିଂ ଦୁଇଟି ସିଫ୍ଟରେ କରାଯିବ। ପ୍ରଥମ ସିଫ୍ଟ ପୂର୍ବାହ୍ନ ୮ଟାରୁ ୧୧ଟା ଓ ଦ୍ୱିତୀୟ ସିଫ୍ଟ ସନ୍ଧ୍ୟା ୫ଟାରୁ ରାତି ୧୦ଟା ଯାଏ ଚାଲିବ। ଆବଶ୍ୟକସ୍ଥଳେ ସାଧାରଣ ଲୋକଙ୍କ ମତାମତ କ୍ରମେ ସମୟରେ ପରିବର୍ତ୍ତନ ମଧ୍ୟ କରାଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।



୮୬ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଗୋଳଠାରେ ପିଙ୍କ ପାଟ୍ରୋଲିଂ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି।

## କଳବଳ କରୁଛି ତାତି


ଟାଣ ଖରା ଯୋଗୁ ଜଣେ ମହିଳା ଛତା ଧରି ଯାଉଛନ୍ତି।

**ଅନୁଗୋଳ ଅଫିସ, ୧।୪**

ଅନୁଗୋଳ ଜିଲାରେ ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି। ବୁଧବାର ଜିଲାର ତାପମାତ୍ରା ୪୧.୭ ଥିବାବେଳେ ଗୁରୁବାର ଗୋଟିଏ ପଏଣ୍ଟ ବୃଦ୍ଧି ପାଇ ୪୨.୭ ହୋଇଛି। ଫଳରେ ପ୍ରବଳ ଗରମରେ ଲୋକେ କଳବଳ ହେଉଛନ୍ତି। ପୂର୍ବାହ୍ନ ୧୦ଟାରୁ ତାତି ଏପରି ହେଉଛି ଯେ ଲୋକେ ଅତି ଆବଶ୍ୟକ ନ ଥିଲେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଫଳରେ ପୂର୍ବାହ୍ନରୁ ସହର ଦେଇ ଯାଇଥିବା ରାସ୍ତାରେ ଗହଳି ଦେଖିବାକୁ ମିଳୁନି। ରାସ୍ତାରେ ଚାଲିକରି ଯାଉଥିବା ଲୋକଙ୍କ ମଧ୍ୟରୁ କିଏ ଛତା ଧରୁଛନ୍ତି ତ ଆଉ କିଏ ଓଦା ଗାମୁଛା ମୁଣ୍ଡରେ ପକାଉଥିବା ଦେଖିବାକୁ ମିଳୁଛି। ତାତି ଏପରି ବୃଦ୍ଧି ପାଇଚାଲିଥିଲେ ମଧ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ଜଳଛତ୍ର ଖୋଲାଯାଇ ନାହିଁ। ସେହିପରି ବିଦ୍ୟୁତ୍ କାଟକୁ ନେଇ ମଧ୍ୟ ଲୋକଙ୍କ ଅସୁବିଧା ଆହୁରି ବଢ଼ିଯାଇଛି।

## ୪ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ଗୁରୁବାର ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ କାମାକ୍ଷାନଗର, ଜଣେ ଢେଙ୍କାନାଳ ମ୍ୟୁନିସିପାଲଟି ଏବଂ ଅନ୍ୟଜଣେ କଙ୍କଡ଼ାହାଡ଼ ବ୍ଲକର ବୋଲି ସ୍ପଷ୍ଟ ହୋଇଛି। ଏହାକୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୫୭୪୪ରେ ପହଞ୍ଚିଥିବାବେଳେ ୫୬୯୩ ଜଣ ସୁସ୍ଥ ହୋଇସାରିଲେଣି। ୨୯ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏବେ ଜିଲାରେ ୨୨ ଆକ୍ଟିଭ୍ କେସ୍ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



# ସମସ୍ୟାରେ ଶତାୟୁ ଶିକ୍ଷାନୁଷ୍ଠାନ




- ଶିକ୍ଷା ବିଭାଗ ଦୃଷ୍ଟି ଆଢୁଆଳରେ ବି.ବି. ହାଇସ୍କୁଲ
- ୫ମାସ ହେଲା ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି
- ୬ଷ୍ଠରୁ ୮ମ ଶ୍ରେଣୀ ପିଲାଙ୍କୁ ମିଳିନି ସ୍କୁଲ ୟୁନିଫର୍ମ

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳର ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ (ବି.ବି ହାଇସ୍କୁଲ) ସମ୍ପ୍ରତି ସମସ୍ୟା ଭିତରେ ଗତି କରୁଛି। ଏହି ଐତିହ୍ୟସମ୍ପନ୍ନ ପୁରାତନ ଶିକ୍ଷାନୁଷ୍ଠାନରେ ୫ମାସ ହେଲା ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲ ୟୁନିଫର୍ମ ମିଳିନାହିଁ। କେତେଜଣ ଛାତ୍ରୀଛାତ୍ରଙ୍କ ଆକାଉଣ୍ଟକୁ ସାଇକେଲ ବାବଦ ଅର୍ଥ ଆସି ନ ଥିବା ଅଭିଯୋଗ ହୋଇଛି। ୧୦୦ବର୍ଷ ପୁରୁଣା ଏହି ବିଦ୍ୟାଳୟ ଶିକ୍ଷା ବିଭାଗର ଦୃଷ୍ଟି ଆଢୁଆଳରେ ରହିଯିବା ଯେତିକି ଦୁଃଖଦାୟକ, ସେତିକି ପରିତାପର ବିଷୟ ବୋଲି କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ।

ସ୍ୱାଧୀନତାର ଦୀର୍ଘବର୍ଷ ପୂର୍ବରୁ ୧୮୯୬ରେ ସ୍ଥାପିତ ହୋଇଥିଲା ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ। ଏବେ ସ୍କୁଲରେ ୬ଷ୍ଠରୁ ୧୦ମ ଯାଏ ପ୍ରାୟ ୬୦୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଭିନ୍ନ ସମୟରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ବିଦ୍ୟାଳୟକୁ ମିଳିଛି ସେଣ୍ଟର ଅଫ୍ ଏକ୍ସଲେନ୍ସ ମାନ୍ୟତା। ତେବେ ଶିକ୍ଷା ବିଭାଗର ଦୂରଦୃଷ୍ଟି ଅଭାବରୁ ଏବେ ବିଦ୍ୟାଳୟ ବହୁବିଧ ସମସ୍ୟା ଘେରରେ ରହିଛି। ୨୦୨୦ ନଭେମ୍ବର ୧୮ରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବାରିକଙ୍କ ବଦଳି ପରେ ପଦବୀ ଖାଲି ପଡ଼ିଥିଲା। ଫଳରେ ଦୁଇମାସ ଧରି ଶିକ୍ଷକ, କର୍ମଚାରୀ ଦରମା ପାଇବାରେ ସମସ୍ୟା ଭୋଗିଥିଲେ। ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ହାଇସ୍କୁଲରେ ଅନ୍ୟ ଏକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିପାରିବେ। ଏଠାକାର ପ୍ରଧାନ ଶିକ୍ଷକ ପଦବୀ ଓଡ଼ିଶା ଶିକ୍ଷା ସେବା-୨ କ୍ୟାଡରଭୁକ୍ତ। ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ୨ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ କାହାରିକୁ ଅତିରିକ୍ତ ଦାୟିତ୍ୱ ଦିଆଯାଇପାରି ନ ଥିଲା। ତେବେ ଉପରୋକ୍ତ ଯୋଗ୍ୟତା ପୂରଣ କରୁଥିବାରୁ ଗତ ଜାନୁୟାରୀ ୧୨ରେ ଭୁବନ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ହେଲେ ଭୁବନରୁ ଢେଙ୍କାନାଳର ଦୂରତ୍ୱ ୫୦ କିଲୋମିଟର ହୋଇଥିବାରୁ ଉଭୟ ଶିକ୍ଷାନୁଷ୍ଠାନର ଦାୟିତ୍ୱ ସମ୍ଭାଳିବା କେତେଦୂର ଯୁକ୍ତିସଙ୍ଗତ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲ ୟୁନିଫର୍ମ ପ୍ରଦାନ କରାଯାଇ ପାରିନାହିଁ। ଏ ସଂକ୍ରାନ୍ତରେ ହେଲପ୍ ଲାଇନ ନମ୍ବରରେ ଅଭିଯୋଗ କରାଯାଇଥିଲା। ଏହାପରେ ତୁରନ୍ତ ପିଲାଙ୍କୁ ୟୁନିଫର୍ମ ପ୍ରଦାନ କରିବା ଏବଂ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ସମସ୍ୟାର ସମାଧାନ ହୋଇପାରିନାହିଁ।

ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ କୁହନ୍ତି, ୨-୩ ମଧ୍ୟରେ ସ୍କୁଲ ୟୁନିଫର୍ମ ବଣ୍ଟାଯିବ। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ଜିଲା ଶିକ୍ଷା ଅଧିକାରୀ (ଡିଇଓ) ନିବେଦିତା ପାଣି କୁହନ୍ତି, ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦବୀ ଓଡ଼ିଶା ଶିକ୍ଷାସେବା-୨ର ଅନ୍ତର୍ଭୁକ୍ତ। ତଦନୁଯାୟୀ ସେହି କ୍ୟାଡରର ଜଣେ ଅଧିକାରୀ ଏହା ଦାୟିତ୍ୱରେ ରହିବା କଥା। ଜିଲା ଶିକ୍ଷା କାର୍ଯ୍ୟାଳୟର ୨ ଅତିରିକ୍ତ ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଥିବାରୁ ସମସ୍ୟା ଉପୁଜିଥିଲା। ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉକ୍ତ କ୍ୟାଡରଭୁକ୍ତ ହୋଇଥିବାରୁ ତାଙ୍କୁ ବ୍ରଜନାଥ ବଡଜେନା ହାଇସ୍କୁଲର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୟୁନିଫର୍ମ ବଣ୍ଟା ନ ହେବା ଓ ସାଇକେଲ ଟଙ୍କା ଆକାଉଣ୍ଟକୁ ନ ଆସିବା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ବୁଝିବା ପରେ ସବିଶେଷ ସୂଚନା ଦେଇହେବ ବୋଲି ଡିଇଓ କହିଛନ୍ତି। ଜିଲା ସଦରର ଶତାୟୁ ଶିକ୍ଷାନୁଷ୍ଠାନର ସମସ୍ୟା ସମ୍ପର୍କରେ ଡିଇଓ ଅବଗତ ନ ହେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।


ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ।

## ସଂକ୍ଷେପରେ

### ୫୬ ୟୁନିଟ୍ ରକ୍ତ ସଂଗ୍ରହ



**ଢେଙ୍କାନାଳ ଅଫିସ, ୧।୪:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ଅଧୀନ ସୁଧାଡ଼ିହକାଟେଣୀ ନବଜ୍ୟୋତି ଯୁବକ ସଂଘ ପକ୍ଷରୁ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏମ୍‌ପି ମହେଶ ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସରପଞ୍ଚ ଈଶ୍ୱର ଚନ୍ଦ୍ର ରାଉତ, ଯୁବକ ସଂଘ ସଭାପତି ଜିତେନ୍ଦ୍ର ରାଉତ, ସମ୍ପାଦକ ଜୟନ୍ତ ଜେନା, ରାକେଶ ସ୍ୱାଇଁ, ସୁନୀଲ ରାଉତ, ଭୀମସେନ ରାଉତ, ରଞ୍ଜନ ରାଉତ, ବୈକୁଣ୍ଠ ରାଉତ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଜିଲା ବ୍ଲଡ୍ ବ୍ୟାଙ୍କ କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହରେ ସହାୟତା କରିଥିଲେ।

### ପ୍ରାଧ୍ୟାପକଙ୍କୁ ଅବସର ସମ୍ବର୍ଦ୍ଧନା

**ଭୁବନ, ୧।୪(ଡି.ଏନ.ଏ.):** ଭୁବନସ୍ଥିତ ବାଜି ରାଉତ କଲେଜର ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ବିଜୟ କୁମାର ଦାଶଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଶ୍ରୀପତି ଚିନ୍ନରା, ଅଜିତ ବେହେରା, ହିମାଂଶୁ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରା ଯୋଗଦେଇ ତାଙ୍କର ସୁଖମୟ ଜୀବନର କାମନା କରିଥିଲେ। ଦୀର୍ଘଦିନର ବୃତ୍ତିଗତ ଜୀବନ ମଧ୍ୟରେ ପ୍ରାଧ୍ୟାପକ ଦାଶ ଛାତ୍ରୀଛାତ୍ର ଏବଂ ସହକର୍ମୀଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଏହି ଅବସରରେ ବରିଷ୍ଠ କିରାଣି ବେହେରାଙ୍କ ଦ୍ୱାରା ଲିଖିତ କବିତାକୁ ମୁଖ୍ୟ ଗ୍ରନ୍ଥାଗାରିକ ନନ୍ଦକିଶୋର ଧୀର ପାଠ କରିଥିଲେ। ଅଧ୍ୟାପକ ଅନିଲ କୁମାର ଧୀର ଧନ୍ୟବାଦ ଅର୍ପଣ କରିଥିଲେ।

### ୪ରେ ପୁରାତନ ଛାତ୍ର କମିଟି ବୈଠକ

**ଢେଙ୍କାନାଳ ଅଫିସ, ୧।୪:** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର କମିଟିର ଏକ ଜରୁରୀ ବୈଠକ ଆସନ୍ତା ୪ ତାରିଖ ପୂର୍ବାହ୍ନ ୧୦ଟାରେ କଲେଜ ପରିସରରେ ଅନୁଷ୍ଠିତ ହେବ। ବୈଠକରେ ସଭାପତି ଚୟନ ଓ କମିଟିର ପୁନର୍ଗଠନ ନିମନ୍ତେ ସଭ୍ୟମାନେ ମତାମତ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟ ଉପସ୍ଥିତ ରହିବେ ବୋଲି ଆବାହକ ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆଇନଜୀବୀ ବିନୟାନନ୍ଦ ମହାପାତ୍ରଙ୍କ ପରଲୋକ ପରେ ସଭାପତି ପଦବୀ ଖାଲି ପଡ଼ିଛି।

### ସାଗର ସାହିତ୍ୟ ସଂସଦର କବିତା ଆସର




**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରର ସାଗର ସାହିତ୍ୟ ସଂସଦ ପକ୍ଷରୁ 'ହୋଲି କବିତା ଆସର' ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଶ୍ରୀବତ୍ସ ନାୟକଙ୍କ ସଭାପତିତ୍ୱରେ ସମ୍ପାଦକ ତ୍ରିଲୋଚନ ମହାରଣା ଯୋଗଦେଇ କହିଲେ, ହୋଲି ଉତ୍ସବ ପାଳନ କରି ମଣିଷ ଭାଇଚାରା ବନ୍ଧନରେ ବାନ୍ଧି ହୋଇଥାଏ। ଏହି ଉପଲକ୍ଷେ ଇନ୍ଦିପୁର ବିକାଶ ପରିଷଦ ସଭାପତି ରଘୁନାଥ ସିଂ, ଉପସଭାପତି ପୀତବାସ ପୃଷ୍ଟି, ସହ ସମ୍ପାଦକ ଅଜୟ ପୃଷ୍ଟି, କୋଷାଧ୍ୟକ୍ଷ ରମେଶ ପୃଷ୍ଟି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଯଶୋବନ୍ତୀ ପୃଷ୍ଟି, ଦୁଃଶାସନ ସାହୁ, ଡମ୍ବରୁଧର ପ୍ରଧାନ, ରବିନାରାୟଣ ନାୟକ, ଅରୁଣ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ସହସମ୍ପାଦକ କାମାକ୍ଷା ପ୍ରସାଦ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଉପସଭାପତି ହେମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଟାଷ୍ଟିଲ୍ ବିଏସ୍ଏଲ୍‌ରେ ଓଡ଼ିଶା ଦିବସ

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍ଏଲ୍ ପକ୍ଷରୁ ଗୁରୁବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କୁସପଙ୍ଗା ସରପଞ୍ଚ ପଙ୍କଜ ପ୍ରଧାନ ମୁଖ୍ୟଅତିଥି, ଶିକ୍ଷାବିତ୍ ନିରୋଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ଦିବସର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। କମ୍ପାନୀର ସିଏସ୍ଆର ବିଭାଗ ମୁଖ୍ୟ ଦିବ୍ୟହାସ ରାୟ ଭାଷା ଓ ସଂସ୍କୃତିର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଲାଗି ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କମ୍ପାନୀ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କାରଖାନା ନିକଟବର୍ତ୍ତୀ ୭ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଖଳିବେରେଣା, ଶିବପୁର, ମଙ୍ଗଳପୁର, କୁସପଙ୍ଗା, ନୂଆହତା, କୁରୁଣ୍ଟି, ପାଇକପୁରୁଣାକୋଟ ଆଦି ହାଇସ୍କୁଲର ୩୦ରୁ ଊର୍ଦ୍ଧ୍ୱ ପିଲା ଏଥିରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।



ଟାଟାଷ୍ଟିଲ ବିଏସ୍ଏଲ୍ ପକ୍ଷରୁ ସମ୍ମାନିତ ଛାତ୍ରୀଛାତ୍ର।

## ନକ୍‌ଆଉଟ ରାଉଣ୍ଡରେ ୪ ଟିମ୍ ବିଜୟୀ

**ପରଜଙ୍ଗ, ୧।୪(ଡି.ଏନ.ଏ.)**

ପରଜଙ୍ଗ ମିନିଷ୍ଟାଡିୟମରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍‌ର ଗୁରୁବାର ଖେଳାଯାଇଥିବା ନକ୍‌ଆଉଟ ରାଉଣ୍ଡରେ ୪ ଟିମ୍ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଡମୋଳର ୮୬ ରନ୍ ଜବାବରେ ତୁମୁସିଂହା ୯.୩ ଓଭରରେ ଲକ୍ଷ୍ୟ ହାସଲ କରି ନେଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଗଡ଼ପଲାଶୁଣୀ ପ୍ରଥମେ ବ୍ୟାଟିଂ କରି ୧୧୬ ରନ୍ କରିଥିବାବେଳେ ବସୁଲେଇ ୭୪ ରନ୍ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ପଥରଖମ୍ବ ୫୨ ରନ୍ କରିଥିବାବେଳେ କନ୍ତିଓପୁଟସାହି ମାତ୍ର ୪.୨ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଚତୁର୍ଥ ମ୍ୟାଚ୍‌ରେ ପରଜଙ୍ଗ ଯୁବ ବିଜେଡି ଟିମ୍ ଚାନ୍ଦପୁରକୁ ପରାସ୍ତ କରିଛି। ଯୁବ ବିଜେଡି ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୪୪ ରନ୍ କରିଥିବାବେଳେ ଚାନ୍ଦପୁର ମାତ୍ର ୭୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅମୃତାନନ୍ଦ ଦଳବେହେରା, ନିରୋଦ କୁମାର ଦାସ ମ୍ୟାଚ୍ ପରିଚାଳନା କରିଥିବାବେଳେ ସିଦ୍ଧାର୍ଥ ରାଉତ ସ୍କୋରର ରହିଥିଲେ।

## ଶ୍ରମିକମାରଣ ନୀତିକୁ ବିରୋଧ



ସମ୍ମିଳନୀରେ ସାମିଲ ହୋଇଥିବା ଏଆଇଟିୟୁସିର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳସ୍ଥିତ ରାମଜୀ ମଣ୍ଡପ ଷ୍ଟେସନ ବଜାରରେ ଏଆଇଟିୟୁସି ଶାଖାର ପ୍ରଥମ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକ ନେତା ଯମେଶ୍ୱର ପୃଷ୍ଟି ସଭାପତିତ୍ୱ କରିବା ସହ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। କୃଷକ ବିରୋଧୀ କଳା କୃଷି ଆଇନ ପ୍ରତ୍ୟାହାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ବିଦ୍ୟୁତ୍ ବୋର୍ଡ ଘରୋଇକରଣ ବନ୍ଦ, ନିର୍ମାଣ ଶ୍ରମିକଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଞ୍ଜୀକରଣ, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଆଗାମୀ ୩ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ଯମେଶ୍ୱର ପୃଷ୍ଟି, ସମ୍ପାଦକ ନାରାୟଣ ନାଏକ, ଉପସଭାପତି ରବି ରଥ, କୁମୁଦିନୀ ମହାରଣା, କଲ୍ୟାଣୀ ହୋତା, ସହ ସମ୍ପାଦକ ମିନତୀ ପଣ୍ଡା, ଭାରତୀ ଦାସ, କୋଷାଧ୍ୟକ୍ଷ ସୁଫଳା ମହାପାତ୍ର ସମେତ ୭ଜଣ ନିର୍ବାଚିତ ହୋଇଛନ୍ତି। ପ୍ରାରମ୍ଭରେ ରାଜ୍ୟ ଅଙ୍ଗନୱାଡି କର୍ମୀ ସଂଘର ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ମଳୟ ମଞ୍ଜରୀ ଜେନା, ସୌଦାମିନି ଦାସ, ସୁଜାତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳ ଟ୍ରକ୍ ମାଲିକ ସଂଘର ୨୦୨୧-୨୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ସୋଗରସ୍ଥିତ ଔଷଧୀୟ ବଗିଚା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଦୀନେଶ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଷଣ୍ଢ, ଉପସଭାପତି ଅଜିତ ପ୍ରଧାନ, ବିଷ୍ଣୁ ପ୍ରସାଦ ମଲ୍ଲିକ, ସମ୍ପାଦକ ଅସିତ ରଥ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କରାଉତ, ବିରଞ୍ଚି ସାହୁ, ଦିଲୀପ ମିଶ୍ର, କୋଷାଧ୍ୟକ୍ଷ ଭାବେ ମନମୋହନ ସାହୁ ନିର୍ବାଚିତ ହୋଇଛନ୍ତି। ଦୀପକ ମିଶ୍ର, ରାଜକିଶୋର ସାହୁ, ନିରାକାର ପୃଷ୍ଟି, ପ୍ରଦ୍ୟୁମ୍ନ ସାହୁଙ୍କୁ କାର୍ଯ୍ୟକାରୀ ସଭ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି। ରଞ୍ଜନ ମଲ୍ଲିକ, ବ୍ରହ୍ମାନନ୍ଦ ମଲ୍ଲିକ, ଅଜୟ ପଟ୍ଟନାୟକ, ଅଶୋକ ବେହେରା ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି।

## ବିଭାଗର ଗରିମା ବଜାୟ ରଖ

**ଢେଙ୍କାନାଳ ଅଫିସ, ୧।୪**

ପୋଲିସ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯଥାସାଧ୍ୟ ଉଦ୍ୟମ କରୁଛି। ଜନସାଧାରଣଙ୍କ ଆସ୍ଥାଭାଜନ ମଧ୍ୟ ହୋଇପାରିଛି। ବିଭାଗର ସମସ୍ତ କର୍ମଚାରୀ ଏହି ଗରିମାକୁ ବଜାୟ ରଖିବା ଉଚିତ ବୋଲି ଆହ୍ୱାନ ଦେଇଛନ୍ତି ଢେଙ୍କାନାଳ ଏସ୍‌ପି କେ. ଶିବା ସୁବ୍ରମଣି। ସ୍ଥାନୀୟ ରିଜର୍ଭ ଲାଇନ ପୋଲିସ ପଡ଼ିଆରେ ଗୁରୁବାର ଆୟୋଜିତ ୮୬ତମ ପୋଲିସ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସ୍‌ପି ଏହା କହିଥିଲେ। ଆୟୋଜିତ ଆନୁଷ୍ଠାନିକ ପରେଡରେ ଏସ୍‌ପି ଅଭିବାଦନ ଗ୍ରହଣ କରିବା ସହିତ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ।

ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ଏସ୍ଆଇ ସତ୍ୟବ୍ରତ ଭୂତିଆ, କଣ୍ଟାବଣିଆ ଥାନା ଏଏସ୍ଆଇ ବାଲ୍‌ଗୋପାଳ ମହାପାତ୍ର, ମୁଖ୍ୟ କାର୍ଯ୍ୟାଳୟର ହାବିଲଦାର ବିଜୟ କୁମାର ସାହୁ, କନଷ୍ଟେବଲ ରାଜେଶ କୁମାର ସ୍ୱାଇଁ, ତରଭା ଫାଣ୍ଡିର କନଷ୍ଟେବଲ ନିରାକାର କରଣ, ଟ୍ରାଫିକ କନଷ୍ଟେବଲ ରୁଦ୍ରମାଧବ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ଲାଜମା ଦାନ କରିଥିବା ସଦର ଥାନା ଏସ୍ଆଇ ସୌଭାଗ୍ୟ ପାଣି, ଟାଉନ ଥାନା କନଷ୍ଟେବଲ ଅଞ୍ଜୁ ସିଂ, ରିଜର୍ଭ ଲାଇନ କନଷ୍ଟେବଲ ସୁବ୍ରତ ଭୋଇ, ତପନ କୁମାର ଖୁଣ୍ଟିଆ, ଶମ୍ଭୁନାଥ ସିଂ, ତୁମୁସିଙ୍ଗା ଥାନା କନଷ୍ଟେବଲ ସୁଶାନ୍ତ କୁମାର ବେହେରା, ଗଁଦିଆ ଥାନା କନଷ୍ଟେବଲ ପ୍ରସନ୍ନ ଭୂୟାଁ, ଅଶୋକ ମଣ୍ଡଳ ପୁରସ୍କୃତ ହୋଇଥିଲେ। ଅନ୍ୟତମ ଅତିଥି ଭାବେ ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି, ଏଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ।


ଏସ୍‌ପି ଜଣେ ବିଭାଗୀୟ ଅଧିକାରୀଙ୍କୁ ପୁରସ୍କୃତ କରୁଛନ୍ତି।

## 'ସ୍ୱାଭିମାନ ରକ୍ଷା ପାଇଁ ଯତ୍ନବାନ ହୁଅ'

- ବରପୁତ୍ରଙ୍କ ପାଇଁ ଓଡ଼ିଶାର ଇତିହାସ ଗୌରବମୟ: ଏମ୍‌ପି
- ଓଡ଼ିଆ ଭାଷାକୁ ନେଇ ସମସ୍ତେ ଗର୍ବ କରିବା ଉଚିତ: ବିଧାୟକ
- ୨୦୨୧ ହେବ ବିକାଶର ବର୍ଷ: ଜିଲାପାଳ


ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧।୪**

ଓଡ଼ିଶାର ବରପୁତ୍ରଙ୍କ ଦୀର୍ଘଦିନ ଲଢ଼େଇ ଫଳ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଓଡ଼ିଶା। ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା ଲାଗି ଯୁବପିଢ଼ି ଯତ୍ନବାନ ହେବା ଉଚିତ। ବିଭିନ୍ନ ପର୍ବପର୍ବାଣି ଭଳି ଓଡ଼ିଶା ଦିବସକୁ ଶ୍ରଦ୍ଧାର ସହ ପାଳନ କରିବା, ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦେବା, ଯୁବଗୋଷ୍ଠୀ ଆଳସ୍ୟ ଏବଂ ଈର୍ଷାଠାରୁ ଦୂରରେ ରହି ଆତ୍ମନିର୍ଭରଶୀଳ ହେବା ଦ୍ୱାରା ଏହା ସମ୍ଭବ। କର୍ମପ୍ରବଣତାକୁ ବ୍ୟାପକ କରି ଓଡ଼ିଆ ଜାତିକୁ ଶିଖରରେ ପହଞ୍ଚାଇପାରିଲେ ଆମେ ଅସଲ ଦାୟଦ ହୋଇପାରିବା ବୋଲି କହିଛନ୍ତି କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ। ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲରେ ଗୁରୁବାର ଆୟୋଜିତ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏପରି ଆହ୍ୱାନ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, ବରପୁତ୍ରଙ୍କ ଉତ୍ସର୍ଗୀକୃତ ମନୋଭାବ ଯୋଗୁ ଓଡ଼ିଶାର ଇତିହାସ, ସଂସ୍କୃତି ଗୌରବମୟ ହୋଇପାରିଛି। ସ୍ୱାଧୀନତା ସଂଗ୍ରାମ ଇତିହାସରେ ସର୍ବକନିଷ୍ଠ ଶହୀଦ ବାଜି ରାଉତ, ସଂଗ୍ରାମୀ ସାରଙ୍ଗଧର ଦାସ, ସନ୍ଥକବି ଭୀମ ଭୋଇଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ଏମ୍‌ପି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଧାୟକ ସୁଧୀର କୁମାର ସାମଲ କହିଲେ, ଓଡ଼ିଆ ଭାଷା ଆମର ପରିଚୟ। ଏହାକୁ ନେଇ ଆମେ ସମସ୍ତେ ଗର୍ବ କରିବା ଉଚିତ। ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ କହିଲେ, ଓଡ଼ିଶାର ଯୋଗ୍ୟ ବରପୁତ୍ରଙ୍କ ତ୍ୟାଗପୂତ ମନୋଭାବ ଯୋଗୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇପାରିଛି। ଉତ୍ସବରେ ସଭାପତିତ୍ୱ କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ଭାଷା, ସଂସ୍କୃତି ଓ ପରମ୍ପରା ଓଡ଼ିଶାବାସୀଙ୍କୁ ଏକ୍ କରିପାରିଥିଲା। ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଓଡ଼ିଆ ଭାଷାକୁ ଆଗକୁ ନେବାକୁ ପଡ଼ିବ। ୨୦୨୧ ବିକାଶର ବର୍ଷ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ସ୍ୱାଗତ ଭାଷଣ ଏବଂ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଓଡ଼ିଶା ଦିବସ ଉପଲକ୍ଷେ ସକାଳ ୬ଟାରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପୂର୍ବାହ୍ନ ୯ଟାରେ କୃଷି ମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟ ଅତିଥିବୃନ୍ଦ ଉତ୍କଳ ଗୌରବ ମଧୁସୂଦନ ଦାସ, ସଂଗ୍ରାମୀ ସାରଙ୍ଗଧର ଦାସ, ଜାତିର ଜନକ ମହାତ୍ମା ଗାନ୍ଧୀ, ଡ. ବି.ଆର୍. ଆମ୍ବେଦକର, ବାଜିଚୌକସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ ଏବଂ ଟାଉନହଲ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ବ୍ୟାସକବି ଫକୀର ମୋହନ ସେନାପତି, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅପରାହ୍ନ ସାଢ଼େ ୫ଟାରେ ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛତା ଓ କୋଭିଡ୍ ସମ୍ପର୍କିତ ଏକ ସଚେତନତା ପଦଯାତ୍ରା ବାଜିଚୌକଠାରୁ ବାହାରି ଶ୍ରୀବଳରାମ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ଏଥିରେ ଜିଲାପାଳଙ୍କ ସମେତ ସ୍ୱଚ୍ଛତା ବ୍ରାଣ୍ଡ୍ ଆମ୍ବାସାଡର, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଏବଂ ପୌରସଂସ୍ଥାର କର୍ମକର୍ତ୍ତା ସାମିଲ ହୋଇଥିଲେ।

